# NATIONAL NEWS BULLETIN (ODIA)

## 05th July - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ୨୦୪୭ ସୁଦ୍ଧା ଭାରତ ୩୨ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବ; କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।

- ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ କହିଛନ୍ତି, ସମବାୟ ମନ୍ତ୍ରଣାଳୟ ଗତ ୪ ବର୍ଷ ମଧ୍ୟରେ ଆରମ୍ଭ କରିଛି ୬୦ଟି ନୂତନ ପଦକ୍ଷେପ ।

- ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବଡ଼ଦେଉଳ ଅଭିମୁଖେ ଯାତ୍ରା କରୁଛନ୍ତି ଚତୁର୍ଦ୍ଧାମୂର୍ତ୍ତି ।

— ଆସନ୍ତାକାଲି ଅନୁଷ୍ଠିତ ହେବ ରଥାରୁଢ଼ ମହାପ୍ରଭୁଙ୍କ ସୁନାବେଶ ।

- ୧୨ଟି ଦେଶ ଉପରେ ରପ୍ତାନୀ ଶୁଳ୍କ ବୃଦ୍ଧି ନେଇ ଘୋଷଣାପତ୍ର ସ୍ୱାକ୍ଷର କଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଏଜ୍‌ବାଷ୍ଟନ୍ ଟେଷ୍ଟ୍‌ରେ ଭାରତର ଦ୍ୱିତୀୟ ଇନିଙ୍ଗ୍‌ସ ବ୍ୟାଟିଂ ଜାରି ।

## ବେଙ୍ଗାଲୁରୁ - ୟୁନିୟନ୍ ମିନିଷ୍ଟର

ଭାରତରେ ପ୍ରଣୟନ ହେଉଥିବା ରଣନୈତିକ ନୀତିଗୁଡ଼ିକ ଆସନ୍ତା ୨୦୪୭ ସୁଦ୍ଧା ଦେଶକୁ ୪ ଟ୍ରିଲିୟନ୍ ଡଲାରରୁ ୩୨ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ବେଙ୍ଗାଲୁରୁରେ ଅନୁଷ୍ଠିତ ଆଇ.ଆଇ.ଟି., ମାଡ୍ରାସର ସଙ୍ଗମ- ୨୦୨୫ ଗ୍ଲୋବାଲ୍ ଇନୋଭେସନ ଏବଂ ଆଲୁମିନି ସମ୍ମିଳନୀରେ ଯୋଗଦେଇ ଶ୍ରୀ ଗୋୟଲ୍ ଏହା କହିଛନ୍ତି । ସରକାରଙ୍କ ଭବିଷ୍ୟତବାଦୀ ନୀତିଗୁଡ଼ିକ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାବରେ ସ୍ଥାନିତ କରିଥିବାବେଳେ ୨୦୨୮ ସୁଦ୍ଧା ଦେଶ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ଭାରତ ବର୍ତ୍ତମାନ ବିଶ୍ୱସ୍ତରରେ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଅନ୍ୟତମ । ସରକାରଙ୍କ ନୀତି ଏବଂ କାର୍ଯ୍ୟକ୍ରମଗୁଡ଼ିକ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ତଥା ଅନ୍ୟାନ୍ୟ କ୍ଷେତ୍ରରେ ନେତୃତ୍ୱ ନେଉଛି ବୋଲି ସେ କହିଛନ୍ତି । ପୂର୍ବ ବଜେଟ୍‌ରେ ସରକାର ବିମ୍‌ଟେକ୍ ଇକୋ ସିଷ୍ଟମ୍ ବିକଶିତ କରିବାପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ । ନବସୃଜନ ଏବଂ

ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବାପାଇଁ ଏବେ ସରକାର ଅତିରିକ୍ତ ୧୦ ହଜାର କୋଟି ଟଙ୍କା ମଞ୍ଜୁର କରିଛନନ୍ତି ବୋଲି ଶ୍ରୀ ଗୋୟଲ କହିଛନ୍ତି । ଗତ କ୍ୟାବିନେଟ୍ ବୈଠକରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପାଇଁ ସରକାର ୧ ଲକ୍ଷ କୋଟି ଟଙ୍କା ମଞ୍ଜୁର କରିଥିଲେ । ପ୍ରଯୁକ୍ତିବିଦ୍ୟା ନବସୃଜନକୁ ଅଧିକ ପ୍ରୋତ୍ସାହିତ କରିବାପାଇଁ ଆସନ୍ତା ୫୦ ବର୍ଷ ମଧ୍ୟରେ ଏ ଦିଗରେ ସରକାର ବିନା ସୁଧରେ ଋଣ ପ୍ରଦାନ କରିବାକୁ ଯୋଜନା ରଖିଛନ୍ତି ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି ।

## ଭି.ପି. - ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲିଠାରୁ ଦୁଇଦିନିଆ କେରଳ ଗସ୍ତରେ ଯାଉଛନ୍ତି । ତ୍ରିସୁର ଜିଲ୍ଲାର ଗୁରୁବାୟୁର୍ ମନ୍ଦିରରେ ଶ୍ରୀ ଧନଖଡ଼ ଆସନ୍ତା ସୋମବାର ପ୍ରାର୍ଥନା କରିବାର କାର୍ଯ୍ୟସୂଚୀ ରହିଛି । ସେହିଦିନ କୋଚିସ୍ଥିତ ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ଆଡଭାନ୍ସଡ ଲିଗାଲ୍ ଷ୍ଟଡିଜ୍-ଏନ୍ୟୁଏଏଲ୍ଏସ୍‌ର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କ ସହ ଶ୍ରୀ ଧଡ଼ଖଡ଼ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

# ସମବାୟ ଦିବସ

ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ମିଳିତ ଜାତିସଂଘ ଚଳିତବର୍ଷକୁ ଆନ୍ତର୍ଜାତିକ ସମବାୟ ବର୍ଷ ଭାବେ ଘୋଷଣା କରିଛି । ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ଶନିବାର ଦିନ ଆନ୍ତର୍ଜାତିକ ସମବାୟ ଦିବସ ପାଳନ କରାଯାଏ । ଚଳିତବର୍ଷର ବିଷୟବସ୍ତୁ ରହିଛି **ସମବାୟ ଏକ ଉନ୍ନତ ବିଶ୍ୱ ପାଇଁ ଅନ୍ତର୍ଭୁକ୍ତିମୂଳକ ଏବଂ ନିରନ୍ତର ସମାଧାନ ନିର୍ମାଣ ।** ସମବାୟ କ୍ଷେତ୍ରର ସ୍ଥାୟୀ ବିକାଶକୁ ଏହା ପ୍ରତିଫଳିତ କରୁଛି ।

ଏହି ଅବସରରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟର ଆନନ୍ଦଠାରେ ଦେଶର ପ୍ରଥମ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ଗତ ୪ ବର୍ଷ ମଧ୍ୟରେ ସମବାୟ ମନ୍ତ୍ରଣାଳୟ ୬୦ଟି ନୂତନ ପଦକ୍ଷେପ ଆରମ୍ଭ କରିଛି । ଦରିଦ୍ର ତଥା ଗ୍ରାମାଞ୍ଚଳ ଲୋକଙ୍କ ଜୀବନକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ସମବାୟ ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା ।

ଶ୍ରୀ ଶାହା କହିଛନ୍ତି ପ୍ରାୟ ୪୦ ଲକ୍ଷ ଶ୍ରମିକ ସମବାୟ ଆନ୍ଦୋଳନରେ ସଂଶ୍ଳିଷ୍ଟ ଅଛନ୍ତି । ସମବାୟ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ, ତଥ୍ୟ ବିଶ୍ଳେଷଣ,

ରଣନୀତି ଏବଂ ଗବେଷଣା କ୍ଷେତ୍ରକୁ ଏହି ବିଶ୍ୱବିଦ୍ୟାଳୟ ଅଧିକ ସହଯୋଗ ପ୍ରଦାନ କରିବ  ବୋଲି ଶ୍ରୀ ଶାହା କହିଛନ୍ତି ।

## ବିହାର - ଲାଲୁ - ପ୍ରେସିଡେଣ୍ଟ

ବରିଷ୍ଠ ନେତା ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ତ୍ରୟୋଦଶ ଥରପାଇଁ ରାଷ୍ଟ୍ରୀୟ ଜନତା ଦଳ - ଆର୍.ଜେ.ଡି.ର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛିନ୍ତି । ଦଳର ସାଙ୍ଗଠନିକ ନିର୍ବାଚନରେ ସେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇ ଦଳର ସଭାପତି ଦାୟିତ୍ୱ ନେଇଛନ୍ତି । ପରେ ପାଟନାଠାରେ ଅନୁଷ୍ଠିତ ଆର୍.ଜେ.ଡି.ର ଜାତୀୟ ପରିଷଦ ବୈଠକରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ନେଇଛନ୍ତି । ଜନତା ଦଳ ବିଭାଜନ ହେବା ପରେ ଆର୍.ଜେ.ଡି. ୧୯୯୭ ମସିହା ଜୁଲାଇ ୫ ତାରିଖ ଦିନ ଗଠିତ ହୋଇଥିଲା ।

## ଓଡ଼ିଶା - ବାହୁଡାଯାତ୍ରା

ଶ୍ରୀକ୍ଷେତ୍ର ପୁରୀରେ ଚତୁର୍ଦ୍ଧାମୂର୍ତ୍ତି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ଯାତ୍ରା କରୁଛନ୍ତି । ଆଜି ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଛି । ପରମ୍ପରା ଅନୁଯାୟୀ ଆଜି ସକାଳୁ ଶ୍ରୀଜିଉଙ୍କର ନୀତିକାନ୍ତି ହେବା ସହ

ତିନିରଥ ଉପରେ ପହଣ୍ଡିବିଜେ ଆରମ୍ଭ ହୋଇଥିଲା । ପହଣ୍ଡିବିଜେ ପରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବା ସହ ଗଜପତି ଶ୍ରୀ ଦିବ୍ୟସିଂହ ଦେବ ରଥ ଉପରେ ଛେରାପହଁରା କରିଥିଲେ । ଶାନ୍ତିଶୃଙ୍ଖଳାର ସହ ଏହି ସମସ୍ତ ନୀତି ନିର୍ଦ୍ଧରିତ କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ସମ୍ପନ୍ନ କରାଯାଇଥିଲା । ଏହାପରେ ଶ୍ରୀଜିଉମାନଙ୍କର ରଥଟଣା ଆରମ୍ଭ ହୋଇଥିଲା । ମହାପ୍ରଭୁଙ୍କର ବାହୁଡ଼ାଯାତ୍ରା ଦେଖିବାପାଇଁ ଶ୍ରୀକ୍ଷେତ୍ରରେ ପ୍ରବଳ ଜନସମାଗମ ହୋଇଛି । ଆସନ୍ତାକାଲି ରଥାରୂଢ଼ ଶ୍ରୀଜିଉମାନଙ୍କର ସୁନାବେଶ ଅନୁଷ୍ଠିତ ହେବ ।

## ଟ୍ରମ୍ପ୍ - ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୧୨ଟି ଦେଶ ଉପରେ ରପ୍ତାନୀ ଶୁଳ୍କ ବୃଦ୍ଧି ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏଥିରେ ସମ୍ପୃକ୍ତ ଦେଶଗୁଡ଼ିକ ଆମେରିକାକୁ ରପ୍ତାନୀ କରୁଥିବା ସାମଗ୍ରୀ ଉପରେ ଲାଗୁ ହେବାକୁ ଥିବା ବିଭିନ୍ନ ଶୁଳ୍କ ହାରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଛି । ଏହି ପ୍ରସ୍ତାବଗୁଡ଼ିକୁ ଆସନ୍ତା ସୋମବାର ଦିନ ସମ୍ପୃକ୍ତ ଦେଶଗୁଡ଼ିକୁ ପଠାଯିବ । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଟ୍ରମ୍ପ୍ କହିଛନ୍ତି, କିଛି ଶୁଳ୍କ ୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ, ଯାହା ଆସନ୍ତା ଅଗଷ୍ଟ ପହିଲାରୁ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି । ସୂଚନାଯୋଗ୍ୟ, ଗତ ଏପ୍ରିଲ୍‌ରେ ଶ୍ରୀ ଟ୍ରମ୍ପ୍ ଅଧିକାଂଶ ଆମଦାନୀ ଉପରେ ମୂଳ

୧୦ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ । ଚୀନ ସମେତ କିଛି ଦେଶପାଇଁ ଆମେରିକା ପକ୍ଷରୁ ଉଚ୍ଚ ଶୁଳ୍କ ହାର ଘୋଷଣା କରାଯାଇଥିବାବେଳେ ବର୍ଦ୍ଧିତ ଶୁଳ୍କଗୁଡ଼ିକୁ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଥିଲା । ଏପର୍ଯ୍ୟନ୍ତ ଆମେରିକା ଲଣ୍ଡନ୍ ଏବଂ ଭିଏତ୍‌ନାମ୍ ସହିତ ବାଣିଜ୍ୟ ଚୁକ୍ତିନାମା ଚୁଡ଼ାନ୍ତ କରିଛି । ତେବେ ଭାରତ କୌଣସି ଚୁକ୍ତିରେ ସ୍ୱାକ୍ଷର କରି ନାହିଁ ବୋଲି ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଲୟ କହିଛନ୍ତି । ତେବେ ଭାରତର ଜାତୀୟ ସ୍ୱାର୍ଥକୁ ସୁହାଇବା ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଚୁକ୍ତିନାମାରେ ସ୍ୱାକ୍ଷର କରାଯିବ ବୋଲି ସେ କହିଛନ୍ତି ।

## ନେହଲ ମୋଦି ଆରେଷ୍ଟ

ବେଆଇନ ଅର୍ଥନୈତିକ କାରବାରରେ ସଂଶ୍ଳିଷ୍ଟ ଥିବା ଫେରାର୍ ନିରବ ମୋଦିଙ୍କ ଭାଇ ନେହଲ ମୋଦିଙ୍କୁ ଆମେରିକୀୟ କର୍ତ୍ତୃପକ୍ଷ ଗିରଫ କରିଛନ୍ତି । ଆମେରିକାର ଆଇନ ବିଭାଗ ଏନେଇ ଭାରତକୁ ସୂଚନା ଦେଇଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ - ଇ.ଡି. ଏବଂ ସି.ବି.ଆଇ.ଦ୍ୱାରା ମିଳିତ ଭାବେ ଦାଖଲ କରାଯାଇଥିବା ପ୍ରତ୍ୟର୍ପଣ ଅନୁରୋଧ ପରେ ତାଙ୍କୁ ଗିରଫ କରାଯାଇଛି । ଆମେରିକା ପ୍ରଶାସନ ପକ୍ଷରୁ ରୁଜ୍ଜୁ ମାମଲା ଆଧାରରେ ତାଙ୍କ ବିରୋଧରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଦୁଇଟିଯାକ ମାମଲାରେ ମଧ୍ୟରେ

ଗୋଟିଏ ବେଆଇନ ଅର୍ଥ କାରବାର ଏବଂ ଅନ୍ୟଟି ଅପରାଧିକ ଷଡ଼ଯନ୍ତ୍ର । ତାଙ୍କର ପ୍ରତ୍ୟର୍ପଣ ପ୍ରକ୍ରିୟା ଚାଲୁ ରହିଛି ବୋଲି ଇ.ଡି. ସୂଚନା ଦେଇଛି । ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖରେ ହେବ ବୋଲି ଜଣାପଡ଼ିଛି । ଏହି ଶୁଣାଣି ସମୟରେ ନେହଲ୍ ମୋଦି ଜାମିନ୍ ପାଇଁ ଆବେଦନ କରିପାରନ୍ତି ବୋଲି ସୂଚନା ମିଳିଛି ।

## ଅମରନାଥ ଆକ୍ସିଡେଣ୍ଟ

ଜମ୍ମୁ-କାଶ୍ମୀରର ରାମବନ୍‌ସ୍ଥିତ ଚନ୍ଦରକୋଟ ଲଙ୍ଗରଠାରେ ଅମରନାଥ ଯାତ୍ରାର ଏକ ତୀର୍ଥଯାତ୍ରୀ ବସ୍ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ବସ୍‌ଟି ପୂର୍ବରୁ ନିୟନ୍ତ୍ରଣ ହରାଇ ଫଶି ରହିଥିବା ଅନ୍ୟ ଏକ ଗାଡ଼ି ସହ ଧକ୍କା ହେବା ଫଳରେ ୪ଟି ଯାନ କ୍ଷତିଗ୍ରସ୍ତ ହେବା ସହ ୩୬ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆହତମାନଙ୍କୁ ନିକଟସ୍ଥ ରାମବନ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅନ୍ୟ ଏକ ବସ୍‌ରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଯାଇଛି । ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଅମରନାଥ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ଗାଡ଼ିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେବା ସହ ଆହତମାନଙ୍କ ଚିକିତ୍ସାକୁ ସୁନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ କହିଛନ୍ତି ।

## କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ

ଏଜ୍‌ବାଷ୍ଟନ୍ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଙ୍ଗ୍‌ସ ବ୍ୟାଟିଂ ଜାରି ରହିଛି । ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ଏହି ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଆଜି ଚତୁର୍ଥ ଦିନର ଖେଳ ଭାରତ ଗତକାଲିର ସ୍କୋର ୧ ଓ୍ୱିକେଟ୍‌ରେ ୬୪ ରନ୍‌ରୁ ଆରମ୍ଭ କରିଥିଲା । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ୪ ଓ୍ୱିକେଟ୍ ବିନିମୟରେ ୨୪୬ ରନ୍ ସଂଗ୍ରହ କରିଥିଲା । ଭାରତ ୪୨୬ ରନ୍‌ରେ ଆଗୁଆ ରହିଛି । ଭାରତର ବ୍ୟାଟ୍‌ସ୍‌ମ୍ୟାନ୍ ଅଧିନାୟକ ଶୁଭ୍‌ମନ୍ ଗିଲି ଓ ରବୀନ୍ଦ୍ର ଜାଡେଜା କ୍ରିଜ୍‌ରେ ଅପରାଜିତ ଅଛନ୍ତି ।

ପ୍ରଥମ ଇନିଙ୍ଗ୍‌ସରେ ଆୟୋଜକ ଇଂଲଣ୍ଡ ୪୦୭ ରନ୍ କରିଥିବାବେଳେ ଭାରତ ୫୮୭ ରନ୍ କରିଥିଲା ।

## ସ୍କ୍ୱାସ୍ ମେଡାଲ୍‌ସ

୧୯ ବର୍ଷରୁ କମ୍ ଏସୀୟ ମହିଳା ସ୍କ୍ୱାସ୍ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍‌ରେ ଭାରତର ଅନାହତ ସିଂହ ଚୀନ୍‌ର ଚେଙ୍ଗ୍ ଟି.ସି.କୁ ୩-୦ରେ ହରାଇ ଟାଇଟଲ୍ ହାସଲ କରିଛନ୍ତି । ଦକ୍ଷିଣ କୋରିଆର

ଜିମ୍‌ସିଓଁ'ଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତ ୧୧-୭, ୧୧-୨, ୧୧-୮ ସେଟ୍‌ରେ ବିଜୟ ଲାଭ କରି ସ୍ୱର୍ଣ୍ଣପଦକ ହାସଲ କରିଛି ।

ସେହିପରି ୧୭ ବର୍ଷରୁ ଏସୀୟ କନିଷ୍ଠ ସ୍କ୍ୱାସ୍ ଚାମ୍ପିୟନ୍‌ସିପ୍‌ରେ ଦିଓ୍ୱାନ୍ ମାଲେସିଆର ପୂର୍ବତନ ଚାମ୍ପିୟନ୍ ନିଖିଲେଶ୍ୱର ମୋଗାନାସୁନ୍ଦରମ୍‌ଙ୍କୁ ସିଧାସଳଖ ୧୧-୫, ୧୧-୮ ଓ ୧୧-୩ ସେଟ୍‌ରେ ପରାସ୍ତ କରିଛନ୍ତି । ଅନ୍ୟ ଦୁଇଜଣ ଭାରତୀୟ ଖେଳାଳି ୧୩ ବର୍ଷରୁ କମ୍ ବାଳକ ବର୍ଗରେ ଆୟାନ୍ ଧନୁକା ତଥା ୧୫ ବର୍ଷରୁ କମ୍ ବାଳିକା ବର୍ଗରେ ସାନ୍‌ଭି କାଲାଙ୍କି ରୌପ୍ୟ ପଦକ ହାସଲ କରିଛନ୍ତି । ସାନ୍‌ଭି ମାଲେସିଆଠାରୁ ୩-୦ରେ ଏବଂ ଆୟାନ୍ ପାକିସ୍ତାନଠାରୁ ୩-୧ରେ ହାରିଯାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

## ପାରା ଗୋଲ୍

ବେଜିଂଠାରେ ଅନୁଷ୍ଠିତ ଏସୀୟ ପାରା-ତୀରଚାଳନା-୨୦୨୫ ପ୍ରତିଯୋଗିତାରେ ଭାରତ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଛି । ମହିଳା ବର୍ଗରେ ଭାରତ ପକ୍ଷରୁ ମିଳିତ ଭାବେ ଶୀତଲ ଦେବୀ ଏବଂ ଜ୍ୟୋତି ଚୀନ୍‌କୁ ୧୪୮-୧୪୩ ପଏଣ୍ଟ୍‌ରେ ହରାଇ ସ୍ୱର୍ଣ୍ଣପଦକ ଜିତିଛନ୍ତି । ସେହିପରି ପୁରୁଷ ବର୍ଗରେ ହର୍‌ବିନ୍ଦର ସିଂହ ଏବଂ ଭାଓ୍ୱନା ମିଳିତ ଭାବେ ୫-୪ରେ ବିଜୟ ଲାଭ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

ଭାରତ ମଧ୍ୟ ଏଥିରେ ୩ଟି ରୌପ୍ୟ ପଦକ ହାସଲ କରିଛି । ରାକେଶ କୁମାର ୨ଟି ଏବଂ ଶ୍ୟାମସୁନ୍ଦର ସ୍ୱାମୀ ଓ ଜ୍ୟୋତି ମିଳିତ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି ।

*****